# Akashvani, Sambalpur

## SAMBALPURI NEWS EVENING BULLETIN

**28 July 2024- 7.02 pm- 7.12 pm.**

*******************************************

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ନିଜର୍ ସଂସ୍କୃତିକେ ନେଇକରି ଗର୍ବ କଲେ ଦେଶ୍ ଆଗ୍‌କେ ବଢ଼ିପାର୍‌ସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କୁ ସମ୍ବୋଧିତ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଆସାମ୍‌ର ଚରାଇଦେଓ ମାଇଦମ୍ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଲୀଥି ଠାନ୍ ପାଇଥିବାର୍‌ନୁ ଦେଶ୍ ଗର୍ବିତ୍ ଆଏ । ବିଶ୍ୱ ଐତିହ୍ୟ ତାଲିକା ନ ଠାନ୍ ପାଏବାର୍‌ଥି ଇଟା ହେଉଛେ ଭାରତ୍‌ର ୪୩ ନମ୍ବର୍ ଆର୍ ଉତର୍ ପୂର୍ବାଂଚଲ୍‌ର ପହେଲା ସାଂସ୍କୃତିକ୍ ଠାନ୍ ବଲି କହେବାର୍ ସଙ୍ଗେ ସର୍ବଜନିକ କଳା ଉପ୍‌ରେ ଅଏତ୍‌କା କାମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ କଳା ଆଉ ସଂସ୍କୃତିପ୍ରେମୀ ମାନ୍‌କୁ ପରାମର୍ଶ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍‌ଥି ଦେଶର୍ କଳା ସଂସ୍କୃତିର୍ ଲାଗି ନିଆଯାଇଥିବା ପଦକ୍ଷେପ୍ ପବ୍ଲିକ୍

ଆର୍ଟ ଅଫ୍ ଇଣ୍ଡିଆ - ପରି ପରିଯୋଜନା ବାବ୍‌ଦେ କହିଛନ୍ । ସେ କହିଛନ୍ ଯେ,

(ଭଏସ୍ ଓଭର୍- ୧- ପ୍ରଧାନ୍‌ମନ୍ତ୍ରୀ)

ହସ୍ତତନ୍ତକେ ଆଗ୍‌କେ ବଢ଼ାବାର୍ ଲାଗି ଦେଶର୍ ଭିନ୍ ଭିନ୍ ଜାଗା ନ ହସ୍ତତନ୍ତ କାରିଗର୍‌ମାନ୍‌କର୍ କାମ୍‌ର ପ୍ରଶଂସା କର୍‌ବାର୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ଭାଷଣ୍‌ଥି ଓଡ଼ିଶାର୍ ସମ୍ବଲ୍‌ପୁରୀ ଶାଢ଼ୀର୍ କଥା କହିଛନ୍ ।

ଆଏବା ଅଗଷ୍ଟ ମାସର୍ ୭ ତାରିଖ୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ ହେବାର୍‌କେ ଯାଉଥିବାର୍ ବେଳେ ନିଜର୍ ଇଲାକାର୍ ସାମାନ୍‌କେ ସାମାଜିକ୍ ଗଣମାଧ୍ୟମ୍‌ଥି 'ହେସ୍‌ଟେଗ୍ ମାଇଁ ପ୍ରଡକ୍ଟ ମାଇଁ ପ୍ରାଇଡ୍' ସାଙ୍ଗେ ଅପ୍‌ଲୋଡ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ କରିଛନ୍ । ଖଦୀ ଉତ୍ପାଦ ୪ ଶହ ପ୍ରତିଶତ୍ ବଢ୍‌ବାର୍ ସାଙ୍ଗେ ଦେଢ୍ ଲାଖ୍ କୋଟି ଟଙ୍କା ବେପାର୍ କର୍‌ବାର୍‌ଟା ଗୁଟେ ବଡ୍ ସଫଳତା ବଲି ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍‌ଥି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍‌ଥି ଅଲମ୍ପିକ୍ ଖେଲାଲୀମାନ୍‌କର୍ ତହଁକ୍ ବଢ଼ାବାର୍‌କେ ଦେଶ୍‌ବାସୀଙ୍କୁ ଅନୁରୋଧ୍ କର୍‌ବାର୍ ସଙ୍ଗେ କହିଛନ୍ ଯେ,

(ଭଏସ୍ ଓଭର୍- ୨- ପ୍ରଧାନ୍‌ମନ୍ତ୍ରୀ)

ଏଭେ ହେଇଥିବା ଗଣିତ ଅଲମ୍ପିଆଡ୍‌ରେ ଭାରତୀୟ ଛାତ୍ରଛାତ୍ରୀମାନ୍‌କର୍ ଉଲ୍ଲେଖନୀୟ ପ୍ରଦର୍ଶନ୍‌କେ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ । ଦେଶେ ନିଶା ବେଭାର୍ ବିରୋଧ୍ ନ ଜନମତ

ତିଆର୍ ଉପ୍ରେ ପ୍ରଧାନ୍ମନ୍ତ୍ରୀ ଜୋର୍ ଦେଇଛନ୍ । ସେ କହିଛନ୍ ...

(ଭଏସ୍ ଓଭର୍- ୩- ପ୍ରଧାନ୍ମନ୍ତ୍ରୀ)

ପ୍ରଧାନ୍ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍ଥି କହିଛନ୍ ଯେ, ଆଏବା କାଏଲ୍ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ୍ ପାଲନ୍ କରାଯିବା । ବାଘ୍ ହେଉଛେ ଭାରତୀୟ ସଂସ୍କୃତିର୍ ଗୁଟେ ଅବିଚ୍ଛେଦ୍ୟ ଅଙ୍ଗ । ପରିବେଶ୍ର ସନ୍ତୁଲନ୍ ଲାଗି ବାଘ୍ ମାନ୍କର୍ ସୁରକ୍ଷା ଖୋବ୍ ଜରୁରୀ । ଭାରତ୍ ନ ଫି ବଛର୍ ବାଘ୍ ମାନ୍କର୍ ସଂଖ୍ୟା ବଢୁଛେ ଆର୍ ବିଶ୍ୱର୍ ୭୦ ପ୍ରତିଶତ୍ ବାଘ୍ ଭାରତ୍ ନ ଅଛନ୍ ବଲି ସେ ସୂଚନା ଦେଇଛନ୍ ।

ବାଘ୍ ସଂଖ୍ୟା ଆଉ ଜଙ୍ଗଲ୍ ଇଲାକାକେ ବଢ଼ାବାର୍ ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍ଥି ସଭେ ସାମିଲ୍ ହେବାର୍କେ ପ୍ରଧାନ୍ମନ୍ତ୍ରୀ ଅନୁରୋଧ୍ କରିଛନ୍ । ସ୍ୱାଧୀନତା ଦିବସ୍ ପାଲନ୍ ଅବ୍ସରେ ହର୍ଘର୍ ତ୍ରିରଙ୍ଗା ଅଭିଯାନ୍କେ ବ୍ୟାପକ୍ କର୍ବାର୍ ଲାଗି ପ୍ରଧାନ୍ମନ୍ତ୍ରୀ ଦେଶ୍ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ମନ୍ କି ବାତ୍- ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ

ଆର୍ଏନ୍ୟୁ/ କଟକ୍

ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁରୀ ଶାଢ଼ୀର୍ ପ୍ରଶଂସା କରିଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ - ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ସାମାଜିକ୍ ଗଣମାଧ୍ୟମ୍ ହେଣ୍ଡେଲ୍ ଜରିଏ ଓଡ଼ିଶାର୍ ଗର୍ବ ସମ୍ବଲ୍‌ପୁରୀ ଶାଢ଼ୀର୍ ପ୍ରଶଂସା କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଓଡ଼ିଶାବାସୀଙ୍କୁ ତର୍‌ଫୁ କୃତଜ୍ଞତା ଜନାବାର୍ ସଙ୍ଗେ ଇଟା ସ୍ଥାନୀୟ ବୁଣାକାର୍‌ମାନ୍‌କର୍ ବିକାଶ୍‌ଥି ନିଶ୍ଚେ ସହାୟକ୍ ହେବା ବଲି କହିଛନ । ସେନ୍ତା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ସମ୍ବଲପୁରୀ ହସ୍ତତନ୍ତ ଉପ୍‌ରେ କହିକରି ବୁଣାକାର୍ ଆର୍ କାରିଗର୍‌ମାନ୍‌କୁ ସମ୍ମାନ୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ ବାର୍ତା ଆମର୍ ପାରମ୍ପାରିକ୍ କଳା ଆର୍ ସାମାନ୍‌ର ଅଏତ୍‌କା ପ୍ରଚାର୍ କର୍‌ବାର୍‌କେ ପ୍ରେରିତ୍ କର୍‌ବାର୍‌କେ ତହଁକାବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

କେନ୍ଦ୍ର କୁଇଲା ଆଉ ଖଣି ରାଷ୍ଟ୍ରମନ୍ତ୍ରୀ-ସମ୍ବଲପୁର ସମ୍ବଲପୁର୍ ସମ୍ବାଦଦାତା

୨୦୪୭ ମସିହାତକ୍ ଭାରତ୍‌କେ ଗୁଟେ ବିକଶିତ୍ ରାଷ୍ଟ୍ର ବନାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଇଥରର୍ ବଜେଟ୍ ନ ସବୁ ବର୍ଗ କେ ଗୁରୁତ୍ୱ ଦିଆଯାଇଛେ ବଲି କେନ୍ଦ୍ର କୁଇଲା ଆଉ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ୍ ଚନ୍ଦ୍ର ଦୁବେ କହିଛନ୍ । ଆଏଜ୍ ସମ୍ବଲ୍‌ପୁରେ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ସେ କହିଛନ୍ ଯେ, ଓଡ଼ିଶା, ଝାର୍‌ଖଣ୍ଡ ପଶ୍ଚିମବଙ୍ଗ୍ ଆର୍ ଆନ୍ଧ୍ରପ୍ରଦେଶ୍‌କେ ମିଶେଇକରି ପୂର୍ବ ଭାରତ୍‌ର ବିକାଶ୍ ଲାଗି ପୂର୍ବୋଦୟ ଯୋଜ୍‌ନା ତିଆର୍ କରାଯାଇଛେ । ଓଡ଼ିଶାର୍ ଦର୍ଶନୀୟ ସ୍ଥାନ, ମନ୍ଦିର୍, ସ୍ମାରକୀ ଆର୍ ଶିଳ୍ପର୍ ଲାଗି ବଜେଟ୍‌ଥି ଗୁରୁତ୍ୱ ଦିଆଯାଇଛେ । ଚଲ୍‌ତି ଆର୍ଥିକ୍ ବଛ୍‌ରେ କେନ୍ଦ୍ର ବଜେଟ୍‌ଥି ଓଡ଼ିଶାର୍ ଲାଗି ଲାଖେ ୨୫ ହଜାର୍ ୪ ଶହ ୪୪ କୋଟି ଟଙ୍କାର୍ ବ୍ୟବସ୍ଥା ହେଇଛେ । ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍ ଆର୍ ବ୍ରହ୍ମପୁର୍ ଇଲାକା ନ କୃଷି ଉତ୍ପାଦ କ୍ଲଷ୍ଟର୍ ଲାଗି ବଜେଟ୍‌ଥି ଖାସ୍ ଧିଆନ୍ ଦିଆଯାଇଛେ । କୌଶଲ୍ ବିକାଶ୍ ଲାଗି ଶହେ ୩୫ କୋଟି ୩୪ ଲାଖ୍ ଟଙ୍କା ବ୍ୟବସ୍ଥା କରାଯାଇଛେ । ସେନ୍ତା ରାଜ୍ୟ ନ ଶିକ୍ଷାର୍ ଉନ୍ନତିର୍ ଲାଗି କେନ୍ଦ୍ର ସର୍‌କାର୍ ଗଲା ୨ ଟା ଆର୍ଥିକ୍ ବଛ୍‌ରେ ୪ ହଜାର୍ ୩ ଶହ ୧୧ କୋଟି ଟଙ୍କା ଦେଇଛନ୍ । ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା- ମନରେଗା ବାବ୍‌ଦେ ରାଜ୍ୟକେ ୯ ହଜାର୍ ୪ ଶହ ୧୩ କୋଟି ଟଙ୍କା ଦିଆଯାଇଥିବାର୍ ବେଲେ କୁଇଲା ରୟାଲ୍‌ଟି ବଢ଼ାବାର୍ ଉପ୍‌ରେ କେନ୍ଦ୍ରର୍ ନୀତିଗତ ନିଷ୍ପତି ଦର୍‌କାର୍ ଅଛେ ବଲି ଶ୍ରୀ ଦୁବେ କହିଛନ୍ ।

୨ ଦିନିଆ ଓଡ଼ିଶା ଗସ୍ତ ନ ଆସିଥିବା ମନ୍ତ୍ରୀ ଶ୍ରୀ ଦୁବେ ଆଏଜ୍ ସଖାଲେ ସମ୍ବଲ୍‌ପୁରେ ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍

ଦର୍ଶନ୍ କର୍‌ବାର୍ ଉତ୍‌ରୁ ହୀରାକୁଦ୍ ଡେମ୍ ବୁଲି ଦେଖିଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର          ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଇ ବଛରର୍ ପହେଲା ବଢ଼ି ପାଏନ୍ ଆଏଜ୍ ଛଡ଼ାଯାଇଛେ । ଡେମ୍‌ର ଡେବ୍‌ରୀ ସ୍ପିଲ୍‌ୱେ ଠାନେ ପୂଜାପାଠ୍ ଉତ୍‌ରୁ ଆଏଜ୍ ସଖାଲର୍ ୯ ବଜେ ବଢ଼ି ପାଏନ୍ ଛାଡ଼୍‌ବାର୍ ପ୍ରକ୍ରିୟା ମୁଲ୍ ହେଇଥିଲା । ଇହାଛିନ୍ ଡେବ୍‌ରୀ ସ୍ପିଲ୍‌ୱେର ୧୪ ଟା ଆର୍ ଭୁଜ୍‌ନୀ ସ୍ପିଲ୍‌ୱେର ୬ ଟା ଗେଟ୍ ମୋଟ୍ ୨୦ ଟା ଗେଟ୍ ଦେଇକରି ବଢ଼ି ପାଏନ୍ ମହାନଦୀଥି ଛଡ଼ାଯାଉଛେ । ବଢ଼ି ପାଏନ୍ କଟକ୍ ପାଖର୍ ମୁଣ୍ଡୁଲି ନ ପୁହୁଁଚିବାର୍‌କେ ୪୮ ଘଂଟା ସମିଆ ଲାଗ୍‌ବା ବଲି ହୀରାକୁଦ୍ ଜଲ୍‌ଭଣ୍ଡାର୍ ମୁଖ୍ୟଯନ୍ତ୍ରୀ ସୁଶୀଲ୍ ବେହେରା କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ହୀରାକୁଦ୍ ଡେମ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୧୭ ଦଶ୍‌ମିକ ୬/୯ ଫୁଟ୍ ରହିଛେ । ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୩ ଲାଖ୍ ୭ ହଜାର୍ ୭ ଶହ ୧୦ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୩ ଲାଖ୍ ୪୫ ହଜାର୍ ୮ ଶହ ୪୫ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।

ସତ୍ୟନାରାୟଣ୍ ବହିଦାର୍ ପ୍ରତିମୂର୍ତି ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁରୀ ଭାଷାର୍ ମହାନ୍ କବି ସତ୍ୟନାରାୟଣ୍ ବହିଦାର୍ଙ୍କର୍ ପ୍ରତିମୂର୍ତି ଆଏଜ୍ ସଖାଲେ ଜେଲ୍ଛକ୍ ପାଖର୍ ସତ୍ୟନାରାୟଣ୍ ବହିଦାର ପାର୍କ ପରିସର ନ ଉନ୍ମୋଚିତ୍ ହେଇଯାଇଛେ । କେନ୍ଦ୍ର କୁଇଲା ଆଉ ଖଣି ମନ୍ତ୍ରୀ ସତୀଶ୍ ଚନ୍ଦ୍ର ଦୁବେ ପ୍ରତିମୂର୍ତିର୍ ଉନ୍ମୋଚନ୍ କରିଥିବାର୍ ବେଲେ ରାଜ୍ୟ ପଂଚାୟତିରାଜ୍ମନ୍ତ୍ରୀ ରବି ନାଏକ୍ , ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ, ଆର୍ ସମ୍ବଲ୍ପୁର୍ ବିଧାୟକ୍ ଜୟନାରୟଣ୍ ମିଶ୍ର ଉପସ୍ଥିତ୍ ଥିଲେ ।

ରତ୍ନଭଣ୍ଡାରର ମରାମତି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାରର ମରାମତି କାମ୍ ଖୋବ୍ ଜଲ୍ଦି ମୁଲ୍ ହେବା ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ହେଥିର୍ଲାଗି ପ୍ରାଥମିକ ଯାଂଚ୍ ପ୍ରକ୍ରିୟା ଶେଷ୍ ହେଇଥିବାର୍ ବେଲେ ମରାମତି ଲାଗି ତିଆର୍ ହେଇଥିବା ମାର୍ଗଦର୍ଶିକାଥି ଦର୍କାରୀ ସଂଶୋଧନ୍ କରାଯିବାର୍କେ ନିଷ୍ପତି ହେଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ସୂଚ୍ନା ଦେଇଛନ୍ ।

ଦୁର୍ଘଟଣା        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ -ସୋନ୍‌ପୁର୍ ରାସ୍ତାଥି ଧମା ଥାନା ଇଲାକାର୍ ବଡ଼ଟିକ୍ରା ଗାଁ ନ ଆଏଜ୍ ଦୁଇପହରର୍ ଅଢ଼େଇ ବଜେ ଟ୍ରାକ୍ଟର୍ ସ୍କୁଟିକେ ଧକ୍କା ଦେବାର୍‌ନୁ ଝନ୍‌କର୍ ଘଟ୍‌ନା ଜାଗା ନ ଜୀବନ୍ ଯାଇଛେ । ହେଟାକେ ନେଇକରି ଗାଁର୍ ଲୁକେ ଖୋବ୍ ସମିଆ ଧରିକରି ରାସ୍ତା ଛେଁକିଥିଲେ । ଖବର୍ ପଢ଼ାଯବାର୍‌ତକ୍ ପୁଲିସ୍ ସେନ ପୁହଁଚିକରି ଲୁକ୍‌କୁ ବୁଝାସୁଝା କରୁଛେ ।

ପେରିସ୍ ଅଲମ୍ପିକ୍-ସ୍ୱର୍ଣ୍ଣପଦକ୍        ପି.ଆଇ.ବି.

ପେରିସ୍ ଅଲମ୍ପିକ୍‌ଥି ଭାରତ୍ ଆଏଜ୍ ପହେଲା ପଦକ୍ ପାଇଛେ । ଭାରତ୍‌ର ସୁଟର୍ ମନୁ ଭାକର୍ ମହିଳା ବିଭାଗ୍ ୧୦ ମିଟର୍ ଏୟାର୍ ପିସ୍ତଲ୍ ପ୍ରତିଯୋଗିତାଥି କାଂସ୍ୟ ପଦକ୍ ଜିତିଛନ୍ । ହେଥିର୍‌ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧମ୍ ଜରିଏ ମନୁଙ୍କୁ ସାବାସୀ ଆର୍ ଅଭିନନ୍ଦନ୍ ଜନେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ଆର୍ ଇତାର୍ ଆଖର୍ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍ଥି ଆଏବା କାଏଲ୍ ସଖାଲ୍ତକ୍ ପଶ୍ଚିମ ଓଡ଼ିଶାର୍ ବର୍ଗଡ୍, ବଲାଙ୍ଗିର୍, ନୂଆପଡ଼ା ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।

ଆଇନ୍ ସଚେତନତା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଛତ୍ରଙ୍ଗ୍ ଗାଁ ନ ଥିବା ନାରାୟଣ୍ ହାଇସ୍କୁଲ୍ଥି ତାଲୁକ୍ ଆଇନ୍ ସେବା କମିଟି ତର୍ଫୁ ଆଏଜ୍ ଗୁଟେ ଆଇନ୍ ସଚେତନତା ଶିବିର ହେଇଯାଇଛେ ।